# NATIONAL NEWS BULLETIN (ODIA)

**8 May - 2025**

**Morning Bulletin : 7.15 a.m.**

**************************************************

## ମୁଖ୍ୟ ସମ୍ବାଦ

- ଅପରେସନ ସିନ୍ଦୂରକୁ ଦୃଷ୍ଟିରେ ରଖି ଆଜି ନୂଆଦିଲ୍ଲୀରେ ବସିବ ସର୍ବଦଳୀୟ ବୈଠକ ।
- ବିଭିନ୍ନ ଦେଶର ପ୍ରତିପକ୍ଷଙ୍କ ସହ ଅପରେସନ୍ ସିନ୍ଦୂରର ସଫଳତା ନେଇ ଆଲୋଚନା କଲେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଓ ଜାତୀୟ ସୁରକ୍ଷା ପରାମର୍ଶଦାତା ।
- ଭାରତୀୟ ସଶସ୍ତ୍ର ବାହିନୀର ପଦକ୍ଷେପକୁ ପ୍ରଶଂସା କରିଛନ୍ତି ଚଳଚ୍ଚିତ୍ର ଓ କ୍ରୀଡ଼ା ଜଗତର ପ୍ରମୁଖ ବ୍ୟକ୍ତିତ୍ୱ ।
- ଆଜିଠାରୁ ଦୁଇ ଦିନିଆ ଭାରତ ଗସ୍ତରେ ଆସୁଛନ୍ତି ଇରାନ୍‌ର ବୈଦେଶିକ ମନ୍ତ୍ରୀ ଡକ୍ଟର ଆବାସ ଆରାଘାଚି ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ କୋଲକାତା ନାଇଟ୍‌ରାଇଡର୍ସ୍‌କୁ ଦୁଇ ୱିକେଟ୍‌ରେ ପରାସ୍ତ କରିଛି ଚେନ୍ନାଇ ସୁପରକିଙ୍ଗସ୍ ।

# ଗଭ୍-ଅଲ୍ ପାର୍ଟି ମିଟିଂ

ଅପରେସନ୍ ସିନ୍ଦୂରକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଆଜି ନୂଆଦିଲ୍ଲୀରେ ସର୍ବଦଳୀୟ ବୈଠକ ଡାକିଛନ୍ତି । ଏହି ବୈଠକରେ ବିଭିନ୍ନ ରାଜନୈତିକ ଦଳର ନେତାଙ୍କୁ ସରକାର ଅପରେସନ୍ ସିନ୍ଦୂର ସମ୍ପର୍କରେ ସୂଚନା ପ୍ରଦାନ କରିବେ । ଗତକାଲି ଭାରତୀୟ ସଶସ୍ତ୍ର ବାହିନୀ ପକ୍ଷରୁ କରାଯାଇଥିବା ଅପରେସନ୍ ସିନ୍ଦୂରକୁ ଦଳ ମତ ନିର୍ବିଶେଷରେ ସମସ୍ତ ରାଜନୈତିକ ଦଳର ନେତାମାନେ ପ୍ରଶଂସା କରିବା ସହ ସେନା କାର୍ଯ୍ୟାନୁଷ୍ଠାନ ପାଇଁ ଗର୍ବ ପ୍ରକାଶ କରିଥିଲେ । ପହଲଗାମ ଆତଙ୍କାବଦୀ ଆକ୍ରମଣ ପରେ ସରକାର ନେଇଥିବା ପଦକ୍ଷେପକୁ ବିରୋଧୀ ଦଳ ଗୁଡ଼ିକ ସମର୍ଥନ ଜଣାଇଥିଲେ ।

‘ରାଇଟ୍ ଟୁ ରେସ୍‌ପଣ୍ଡ’ ଅନୁଯାୟୀ ପାକ୍ ଅଧିକୃତ କାଶ୍ମୀର ଏବଂ ପାକିସ୍ତାନରେ ଥିବା ଆତଙ୍କବାଦୀ ଶିବିର ଉପରେ ଆକ୍ରମଣ କରି ଭାରତ କୌଣସି ଆତଙ୍କବାଦୀ ଆକ୍ରମଣକୁ ବରଦାସ୍ତ କରିବ ନାହିଁ ବୋଲି ବିଶ୍ୱକୁ ବାର୍ତ୍ତା ଦେଇଛି । ଗତକାଲି ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ସଶସ୍ତ୍ର ବାହିନୀର ସଫଳତାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପ୍ରଶଂସା କରାଯାଇଛି ।  ସୂଚନା ଯୋଗ୍ୟ ଅପରେସନ୍ ସିନ୍ଦୂର ୨୫ ମିନିଟ୍ ଧରି ଚାଲିଥିଲା ଏବଂ ପାକିସ୍ତାନ ଓ ପାକିସ୍ତାନ ଅଧିକୃତ କାଶ୍ମୀରର ୯ଟି ଆତଙ୍କବାଦୀ ସ୍ଥଳ ଧ୍ୱଂସ ହୋଇଥିଲା ।

# ଇଏଏମ୍-ଏନ୍ଏସ୍ଏ ଅପରେସନ୍ ସିନ୍ଦୂର

ଅପରେସନ୍ ସିନ୍ଦୂର ପରେ ବୈଦେଶିକ ବ୍ୟାପାର ମନ୍ତ୍ରୀ  ଡକ୍ଟର ଏସ୍. ଜୟଶଙ୍କର ସ୍ପେନ୍, ଜର୍ମାନ, ଫ୍ରାନ୍ସ, କତାର ଏବଂ ଜାପାନ ଭଳି ଦେଶର ପ୍ରତିପକ୍ଷଙ୍କ ସହ ଭାରତର ଦୃଢ଼ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଛନ୍ତି । ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ମଧ୍ୟ ବିଭିନ୍ନ ଦେଶର ପ୍ରତିପକ୍ଷଙ୍କ ସହ ଆଲୋଚନା କରିଛନ୍ତି । ଆଗାମୀ ଦିନରେ ଜାତୀୟ ସୁରକ୍ଷା ପରାମର୍ଶଦାତା ତାଙ୍କ ପ୍ରତିପକ୍ଷଙ୍କ ସହ ଯୋଗାଯୋଗରେ ରହିବେ ବୋଲି ଜଣାପଡ଼ିଛି ।

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଜୟଶଙ୍କର ତାଙ୍କ ପ୍ରତିପକ୍ଷଙ୍କ ସହ ଆଲୋଚନା ସମୟରେ ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ସେହି ଦେଶ ଗୁଡ଼ିକର ସମର୍ଥନକୁ ପ୍ରଶଂସା କରିଛନ୍ତି । ଆତଙ୍କବାଦ ପ୍ରତି ଭାରତର ଶୂନ୍ୟ ସହନଶୀଳତା ସୁନିଶ୍ଚିତ କରିବା ଉପରେ ଆଲୋଚନାରେ ଗୁରୁତ୍ୱ ପ୍ରଦାନ କରାଯାଇଛି । ଅନ୍ୟ ପକ୍ଷରେ ଫ୍ରାନ୍ସ, ଚୀନ୍ ଓ ରୁଷ ସମେତ ଜାତିସଂଘ ସୁରକ୍ଷା ପରିଷଦର ସ୍ଥାୟୀ ଓ ଅସ୍ଥାୟୀ ସଦସ୍ୟଙ୍କ ରାଷ୍ଟ୍ରଦୂତମାନଙ୍କୁ ମଧ୍ୟ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଅପରେସନ୍ ସିନ୍ଦୂର ସମ୍ପର୍କରେ ସୂଚନା ପ୍ରଦାନ କରିଛି ।

ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ୍ କହିଛନ୍ତି, ଯଦି ପାକିସ୍ତାନ ଉତ୍ତେଜନା ସୃଷ୍ଟି କରିବାକୁ ଚେଷ୍ଟା କରେ ତେବେ ଭାରତ ଏହାର ଦୃଢ଼ ଜବାବ ଦେବାକୁ ପ୍ରସ୍ତୁତ ଅଛି ।

## ରାଜନାଥ - ଅପରେସନ୍ ସିନ୍ଦୂର

ଅପରେସନ୍ ସିନ୍ଦୂରରେ ଭାରତୀୟ ସଶସ୍ତ୍ର ବାହିନୀ ନିଜର ବୀରତ୍ୱ ଓ ସାହସ ପ୍ରଦର୍ଶନ କରି ଇତିହାସ ରଚିଛି ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି । ସେ କହିଛନ୍ତି, ସଶସ୍ତ୍ର ବାହିନୀ ଏହି ଅଭିଯାନ ସମୟରେ ସଠିକତା, ସତର୍କତା ଏବଂ ସମ୍ବେଦନଶୀଳତା ସହିତ କାର୍ଯ୍ୟ କରି ନିର୍ଦ୍ଧାରିତ ରଣନୀତି ଅନୁଯାୟୀ ଲକ୍ଷ୍ୟ ହାସଲ କରିଥିଲା । ନୂଆଦିଲ୍ଲୀରେ ୬ଟି ରାଜ୍ୟ ଏବଂ ୨ଟି କେନ୍ଦ୍ରଶାସିତ ଅଞ୍ଚଳରେ ୫୦ଟି ସୀମା ସଡ଼କ ସଙ୍ଗଠନ ଭିତ୍ତିଭୂମି ପ୍ରକଳ୍ପର ଉଦ୍‌ଘାଟନ କରିବା ଅବସରରେ ଶ୍ରୀ ସିଂହ ଏହା କହିଛନ୍ତି । ଏହି ଅପରେସନ୍ ସମୟରେ କୌଣସି ସାଧାରଣ ନାଗରିକଙ୍କୁ କ୍ଷତି ନ ପହଞ୍ଚାଇବା ସୁନିଶ୍ଚିତ କରି ସଶସ୍ତ୍ର ବାହିନୀ ନିଜର ସମ୍ବେଦନଶୀଳତା ପ୍ରଦର୍ଶନ କରିଛି ବୋଲି ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି ।

***Voice (Rajnath) :.........***

## ଜେକେ-ଇଭାକୁଏଟ

ଜାମ୍ମୁ କାଶ୍ମୀରର ନିୟନ୍ତ୍ରଣ ରେଖା ଏବଂ ଜାମ୍ମୁ ଅଞ୍ଚଳର ଆନ୍ତର୍ଜାତିକ ସୀମାରେ ଥିବା ଶତାଧିକ ବାସିନ୍ଦାଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ଆକାଶବାଣୀ ଜାମ୍ମୁ ପ୍ରତିନିଧିଙ୍କ ରିପୋର୍ଟ ଅନୁଯାୟୀ ଜାମ୍ମୁ ଅଞ୍ଚଳର ପୁଞ୍ଛ ଏବଂ ରଜୌରୀରେ ପାକିସ୍ତାନ ସେନା ଗୁଳି ମାଡ଼ କରିବାରୁ ୪ ଜଣ ଶିଶୁ ଓ ଦୁଇ ଜଣ ମହିଳାଙ୍କ ସମେତ ୧୨ ଜଣଙ୍କ ମୃତ୍ୟୁ ଘଟିଛି ।

ଏଥିରେ ୫୦ରୁ ଅଧିକ ଆହତ ହୋଇଛନ୍ତି । ଏପ୍ରିଲ୍ ୨୨ରେ ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧନ ନେବା ପାଇଁ ଭାରତୀୟ ସଶସ୍ତ୍ର ବାହିନୀ ପାକିସ୍ତାନ ଏବଂ ପାକିସ୍ତାନ ଅଧିକୃତ କାଶ୍ମୀରର ୯ଟି ଆତଙ୍କୀ ଟାର୍ଗେଟ୍ ଉପରେ କ୍ଷେପଣାସ୍ତ୍ର ଆକ୍ରମଣ କରିବାର କିଛି ସମୟ ପରେ ସୀମାପାର ଅଞ୍ଚଳରୁ ଗୁଳି ଚାଳନା ଆରମ୍ଭ ହୋଇଥିଲା ।

ପୁଞ୍ଚ ପରି ଅନ୍ୟ ପ୍ରଭାବିତ ଅଞ୍ଚଳ ଗୁଡ଼ିକରୁ ଅଧିବାସୀମାନେ ସୁରକ୍ଷିତ ଅଞ୍ଚଳକୁ ଯାଉଥିବା ଦେଖିବାକୁ ମିଳିଥିଲା । ତେବେ ଆର୍.ଏସ୍. ପୁରା ସେକ୍ଟରରେ ସୀମାପାର ଗୁଳି ବିନିମୟ ହୋଇ ନ ଥିଲେ ମଧ୍ୟ ସ୍ଥାନୀୟ ବାସିନ୍ଦାଙ୍କୁ ଆର୍.ଏସ୍.ପୁରା ସ୍ଥିତ ଆଇ.ଟି.ଆଇ. କଲେଜ୍‌କୁ ସ୍ଥାନାନ୍ତର କରିବାକୁ କୁହାଯାଇଛି । ଉଭୟ ଦେଶ ମଧ୍ୟରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତିକୁ ଦୃଷ୍ଟିରେ ରଖି ସୀମାବର୍ତ୍ତୀ ଅଞ୍ଚଳର ଲୋକମାନଙ୍କ ପାଇଁ ସରକାରଙ୍କ ପକ୍ଷରୁ ଆବଶ୍ୟକ ବ୍ୟବସ୍ଥା କରାଯାଇଛି ।

ଅନ୍ୟ ପକ୍ଷରେ ଅଖନୁର୍ ସେକ୍ଟରରେ ରହୁଥିବା ବାସିନ୍ଦାଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବାକୁ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ଅସ୍ଥାୟୀ ଆଶ୍ରୟସ୍ଥଳୀ ଗୁଡ଼ିକରେ ଯେପରି ଲୋକମାନେ କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପାଇଁ ବ୍ୟବସ୍ଥା କରିବା ଲାଗି ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି ।

ଗତକାଲି ଅପରେସନ୍ **ସିନ୍ଦୂର** ପରେ ସଶସ୍ତ୍ର ବାହିନୀକୁ ପ୍ରଶଂସା କରି ଜାମ୍ମୁରେ ଲୋକମାନେ ର୍‍ୟାଲି କରିବା ସହ ସ୍ଲୋଗାନ୍ ଦେଇଥିଲେ । ପ୍ରଦେଶ କଂଗ୍ରେସ

କମିଟି ସଭାପତି ତାରିକ୍ ହମିଦ୍ କରାର ଏବଂ ଜାମ୍ମୁ କାଶ୍ମୀରର ପୂର୍ବତନ ବିଜେପି ସଭାପତି ରବୀନ୍ଦ୍ର ରାଇନାଙ୍କ ସମେତ ରାଜନୈତିକ ନେତାମାନେ ବେସାମରିକ ଅଞ୍ଚଳରେ ପାକିସ୍ତାନର ଗୁଳିମାଡ଼କୁ ନିନ୍ଦା କରିଛନ୍ତି ।

## ଅପରେସନ୍ ସିନ୍ଦୂର-ଫିଲ୍ମ ସ୍ପୋର୍ଟସ୍

ପାକିସ୍ତାନ ବିରୋଧରେ ଅପରେସନ ସିନ୍ଦୂର ପାଇଁ ଚଳଚ୍ଚିତ୍ର ଓ କ୍ରୀଡ଼ା ଜଗତର ପ୍ରମୁଖ ବ୍ୟକ୍ତିତ୍ୱମାନେ ଭାରତୀୟ ସଶସ୍ତ୍ର ବାହିନୀର ପଦକ୍ଷେପକୁ ପ୍ରଶଂସା କରିଛନ୍ତି । ଅଭିନେତା ଅକ୍ଷୟ କୁମାର, କଙ୍ଗନା ରଣାଓ୍ୱତ, ଆଲୁ ଅର୍ଜୁନ ଏବଂ ସୁନୀଲ ସେଟ୍ଟୀ ପହଲଗାମ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ୨୬ ଜଣ ଭାରତୀୟଙ୍କ ପ୍ରତିଶୋଧ ପାଇଁ ଦେଶର ସଶସ୍ତ୍ର ବାହିନୀକୁ ପ୍ରଶଂସା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଅଭିନେତା ଅକ୍ଷୟ କୁମାର ଜୟ ହିନ୍ଦ୍, ଜୟ ମହାକାଳ ଲେଖିଛନ୍ତି । ବିଜେପି ସାଂସଦ କଙ୍ଗନା ରଣାଓ୍ୱତ ସରକାରଙ୍କ ଆତଙ୍କବାଦ ବିରୋଧରେ ଶୂନ୍ୟ ସହନଶୀଳତା ନୀତିକୁ ପ୍ରଶଂସା କରିଛନ୍ତି । ସେ କହିଛନ୍ତି, ଯେଉଁମାନେ ଆମକୁ ସୁରକ୍ଷା ଦିଅନ୍ତି ଭଗବାନ ସେମାନଙ୍କୁ ସୁରକ୍ଷା ଦିଅନ୍ତି । ଅଭିନେତା ଆଲୁ ଅର୍ଜୁନ କହିଛନ୍ତି, ସମସ୍ତଙ୍କୁ ନ୍ୟାୟ ମିଳୁ । ଅଭିନେତା ସୁନୀଲ ସେଟ୍ଟୀ କହିଛନ୍ତି, ବିଶ୍ୱରେ ଆତଙ୍କବାଦର କୌଣସି ସ୍ଥାନ ନାହିଁ । ଚଳଚ୍ଚିତ୍ର ନିର୍ମାତା ଶେଖର କାପୁର କହିଛନ୍ତି, ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ଉପରେ

ଭାରତର ପ୍ରତିକ୍ରିୟା ବିଶ୍ୱକୁ ଦର୍ଶାଉଛି ଯେ ଭାରତ ଦାୟିତ୍ୱବାନ ଏବଂ ଆତ୍ମବିଶ୍ୱାସୀ ।

ବିଶିଷ୍ଟ କ୍ରୀଡ଼ାବିତ୍ ସଚିନ ତେନ୍ଦୁଲକର, ଗୌତମ ଗମ୍ଭୀର, ହରଭଜନ ସିଂହ, ସୁରେଶ ରାଇନା, ବଜରଙ୍ଗ ପୁନିଆ, ସାକ୍ଷି ମଲ୍ଲିକ ଏବଂ ଦେବେନ୍ଦ୍ର ଝାଝରିଆ ଭାରତୀୟ ସଶସ୍ତ୍ର ବାହିନୀର ତ୍ୱରିତ ପଦକ୍ଷେପକୁ ପ୍ରଶଂସା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସଚିନ ତେନ୍ଦୁଲକର କହିଛନ୍ତି, ବିଶ୍ୱରେ ଆତଙ୍କବାଦର କୌଣସି ସ୍ଥାନ ନାହିଁ । ପହଲଗାମ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ନିଜ ଭାଇଙ୍କ ପ୍ରତି ଏହା ଭାରତୀୟ ସେନାର ସମ୍ମାନ ବୋଲି ବଜରଙ୍ଗ ପୁନିଆ କହିଛନ୍ତି । ସେ କହିଛନ୍ତି, ସମଗ୍ର ଦେଶ ଆଜି ଗୋଟିଏ ସ୍ୱରରେ ଆତଙ୍କବାଦକୁ ବିରୋଧ କରୁଛି । ଭାରତୀୟ ପୁରୁଷ କ୍ରିକେଟ୍ ଦଳର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଜାତୀୟ ସୁରକ୍ଷାକୁ ପ୍ରଶଂସା ଓ ସମର୍ଥନ କରି ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଜୟ ହିନ୍ଦ୍ ବୋଲି ଲେଖିଛନ୍ତି । ପୂର୍ବତନ କ୍ରିକେଟ୍ ଖେଳାଳି ଆକାଶ ଚୋପ୍ରା ଏବଂ ସ୍ପିନ୍ ବୋଲର ପ୍ରଜ୍ଞାନ ଓଝା ମଧ୍ୟ ସେନାର କାର୍ଯ୍ୟକୁ ପ୍ରଶଂସା କରିଛନ୍ତି । ରାଜ୍ୟସଭା ସାଂସଦ ତଥା ପୂର୍ବତନ କ୍ରିକେଟ୍ ଖେଳାଳି ହରଭଜନ ସିଂହ କହିଛନ୍ତି, ପହଲଗାମରେ ପ୍ରାଣ ହରାଇଥିବା ନିର୍ଦ୍ଦୋଷ ବ୍ୟକ୍ତିମାନଙ୍କ ପ୍ରତି ଅପରେସନ୍ ସିନ୍ଦୂର ପ୍ରକୃତ ଶ୍ରଦ୍ଧାଞ୍ଜଳୀ । ଶିଖର ଧାୱନ୍ ମଧ୍ୟ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଲେଖିଛନ୍ତି ଯାହା କହିଥିଲୁ ତାହା କରି ଦେଖାଇଲୁ । ଭାରତ୍ ମାତାକ କି ଜୟ । ମହମ୍ମଦ ଶାମି ମଧ୍ୟ ସେନା ବାହିନୀର ପଦକ୍ଷେପକୁ ପ୍ରଶଂସା କରିଛନ୍ତି । ଅଲିମ୍ପିକ୍ କ୍ରୀଡ଼ାବିତ୍ ବିଜେନ୍ଦ୍ର ସିଂହ ଭାରତ୍ ମାତା କି ଜୟ ବୋଲି କହିଛନ୍ତି ।

# ଇରାନ-ଏଫ୍‌ଏମ୍ ଭିଜିଟ୍

ଇରାନ୍‌ର ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଆବାସ ଆରାଘାଚି ଦୁଇ ଦିନିଆ ଭାରତ ଗସ୍ତରେ ଆସି ଆଜି ରାତିରେ ନୂଆଦିଲ୍ଲୀରେ ପହଞ୍ଚିବେ । ଭାରତ-ଇରାନ୍ ମଧ୍ୟରେ ୨୦ତମ ଯୁଗ୍ମ ଆୟୋଗ ବୈଠକରେ ସେ ଅଧ୍ୟକ୍ଷତା କରିବେ । ଗତବର୍ଷ ଅଗଷ୍ଟରେ ଇରାନ୍‌ର ବୈଦେଶିକ ମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଡକ୍ଟର ଆରାଘାଚିଙ୍କର ଏହା ହେଉଛି ପ୍ରଥମ ଭାରତ ଗସ୍ତ ।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ଭାରତ-ଇରାନ ବନ୍ଧୁତା ଚୁକ୍ତି ସ୍ୱାକ୍ଷରର ୭୫ ବର୍ଷ ପୂର୍ତ୍ତି ଅବସରରେ ଏହି ଯୁଗ୍ମ ଆୟୋଗ ବୈଠକ ଅନୁଷ୍ଠିତ ହେବ । ବୈଠକରେ ଦୁଇ ଦେଶ ମଧ୍ୟରେ ପାରସ୍ପରିକ ସ୍ୱାର୍ଥ ଏବଂ ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବା ଉପାୟ ସମ୍ପର୍କରେ ସମୀକ୍ଷା କରାଯିବ ।

# ଆଇପିଏଲ୍

ଆଇପିଏଲ୍ ଟି-ଟ୍ୱେଣ୍ଟି କ୍ରିକେଟ୍ ସିରିଜ୍‌ରେ ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ଚେନ୍ନାଇ ସୁପର କିଙ୍ଗସ୍ ୨ ୱିକେଟ୍‌ରେ କୋଲକାତା ନାଇଟ୍ ରାଇଡର୍ସ୍‌କୁ ପରାସ୍ତ କରିଛି । କୋଲକାତାର ଇଡେନ୍ ଗାର୍ଡେନ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି କୋଲକାତା ନାଇଟ୍ ରାଇଡର୍ସ୍ ନିର୍ଦ୍ଧାରିତ ୨୦

ଓଭରରେ ୬ ୱିକେଟ୍ ବିନିମୟରେ ୧୭୯ରନ୍ ସ୍କୋର କରିଥିଲା । ଆଜିଙ୍କ୍ୟ ରାହାଣେ ସର୍ବାଧିକ ୪୮ରନ୍ ସ୍କୋର କରିଥିବା ବେଳେ ଆଣ୍ଡ୍ରୁ ରସେଲ୍ ୩୮ ଏବଂ ମନିସ୍ ପାଣ୍ଡେ ୩୬ରନ୍ ସ୍କୋର କରିଥିଲେ ।

ଜବାବରେ ଚେନ୍ନାଇ ସୁପରକିଙ୍ଗସ୍ ୨ଟି ବଲ୍ ବାକିଥାଇ ୮ ୱିକେଟ୍ ବିନିମୟରେ ୧୮୩ରନ୍ ସ୍କୋର କରିଥିଲା । ଦଳ ପକ୍ଷରୁ ଡିୱାଲ୍ଡ ବ୍ରେଭିସ୍ ୨୫ଟି ବଲ୍‌ରୁ ୫୨ରନ୍ ସଂଗ୍ରହ କରିଥିବା ବେଳେ ଶିଭମ ଦୁବେ ୪୫ରନ୍ ସ୍କୋର କରିଥିଲେ ।

ଆଜି ଆଇପିଏଲ୍‌ରେ ପଞ୍ଜାବ କିଙ୍ଗସ୍ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ମୁକାବିଲା ହେବ । ଧର୍ମଶାଳାରେ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ମ୍ୟାଚ୍ ଆରମ୍ଭ ହେବ ।